# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**31 August - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ମହିଳା ଏବଂ ଶିଶୁଙ୍କ ସୁରକ୍ଷା ସଂକ୍ରାନ୍ତ ଆଇନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ

- ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣପତ୍ର ସ୍ୱାକ୍ଷର

- ଜନସାଧାରଣଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ସ୍ୱାୟତ୍ତ ଶାସନ ଦିବସ

ଏବଂ

- ଭାଦ୍ରବ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉମାନଙ୍କୁ ସୁସଜ୍ଜିତ କରାଯାଇଛି କୃଷ୍ଣ ବଳରାମ ବେଶରେ

*Desk*

# ପିଏମ୍-ଜୁଡିସିଆରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିଶୁମାନଙ୍କ ସୁରକ୍ଷା ଏବେ ଆମ ପାଇଁ ଚିନ୍ତାର ବିଷୟ ପାଲଟିଛି । ସେ କହିଛନ୍ତି ଦେଶରେ ମହିଳାଙ୍କ ସୁରକ୍ଷା ନିମନ୍ତେ ନିୟମ କରାଯାଇଥିଲେ ମଧ୍ୟ ଏହାକୁ ଆହୁରି ସକ୍ରିୟ ଢଙ୍ଗରେ ଲାଗୁ କରିବାର ଆବଶ୍ୟକତା ରହିଛି । ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଜିଲ୍ଲା ନ୍ୟାୟପାଳିକାର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅତ୍ୟାଚାର ସମ୍ବନ୍ଧିତ ମାମଲାଗୁଡ଼ିକର ଯେତେଶୀଘ୍ର ସମାଧାନ ହୋଇପାରିବ, ସେତେ ଶୀଘ୍ର ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇ ପାରିବ।

ସେ କହିଛନ୍ତି :

## V/O

(PM on Women laws : duration 20 sec.)

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଡାକଟିକଟ ଏବଂ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଛନ୍ତି । ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଭାରତୀୟ ଆଇନ ବ୍ୟବସ୍ଥା ସହ ଜଡ଼ିତ ନ୍ୟାୟପାଳିକାର ବିଭିନ୍ନ ଭୂମିକା ଉପରେ ଆଲୋକପାତ କରିଥିଲେ ।

**BBSR/R**

## ବିଧାନସଭା-୧

ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପିଲାମାନଙ୍କୁ ଦିଆଯାଉଥିବା ଛତୁଆର ମାନ ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ବିଧାନସଭାରେ ଆଜି ବିରୋଧୀ ଦଳଙ୍କ ପକ୍ଷରୁ ଏ ସଂକ୍ରାନ୍ତ ଦାବିର ଉତ୍ତରରେ ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛତୁଆର ମାନ ଯାଞ୍ଚ ପାଇଁ ବିଭାଗୀୟ ସ୍ତରରେ ଗଠିତ ଯାଞ୍ଚ କମିଟି ଏବଂ ମାତୃ କମିଟି ଦ୍ୱାରା ନିୟମିତ ପରୀକ୍ଷଣ କରାଯାଉଛି। ସମଗ୍ର ରାଜ୍ୟରେ ଛତୁଆର ମାନ ଏବଂ ଗୁଣ ଯାଞ୍ଚ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଗୃହରେ ସୂଚନା ଦେଇଥିଲେ। ଯାଞ୍ଚ ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବିରୋଧୀ ଦଳ ପକ୍ଷରୁ ଏ ସଂକ୍ରାନ୍ତ ଦାବି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀଙ୍କୁ ଯାଞ୍ଚ ରିପୋର୍ଟ ଏବଂ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ନେଇ ଗୃହରେ ଉତ୍ତର ରଖିବାକୁ  ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**Desk**

## ପିଏମ-ଉଷା

ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ପ୍ରଧାନମନ୍ତ୍ରୀ-ଉଚ୍ଚତର ଶିକ୍ଷା ଅଭିଯାନ-ପିଏମ୍-ଉଷା ଯୋଜନା ରାଜ୍ୟରେ ଲାଗୁ ହୋଇଛି। କେନ୍ଦ୍ର ଏବଂ ରାଜ୍ୟର ସହଯୋଗରେ ପ୍ରଣୟନ ହୋଇଥିବା

ପିଏମ୍-ଉଷା ଯୋଜନା ଅଧୀନରେ ଉନ୍ନତମାନର ପାଠ୍ୟକ୍ରମ ପ୍ରସ୍ତୁତି, ଶିକ୍ଷକଙ୍କୁ ତାଲିମ, ଶିକ୍ଷା ଭିତ୍ତିଭୂମିର ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପିଏମ୍-ଉଷାକୁ ଓଡିଶାରେ ଲାଗୁ କରାଇବା ନେଇ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମିଳନୀ ଗୃହରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ସୂଚନାଯୋଗ୍ୟ, ୨୦୧୩ରୁ ସମଗ୍ର ଦେଶରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ- ଉଷା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ୬୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବା ବେଳେ ୪୦ ପ୍ରତିଶତ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି। ୨୦୨୫-୨୬ରେ ପିଏମ-ଉଷା ପାଇଁ ୧୨ଲକ୍ଷ ୯୨ହଜାର ୬୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

***HS***

## ବିଧାନସଭା-୨

ସମଗ୍ର ରାଜ୍ୟରେ ୪ ହଜାର ୩୭୫ଟି ଅଙ୍ଗନବାଡ଼ି କେନ୍ଦ୍ର ଭଡ଼ା ଘରେ ଚାଲିଛି ବୋଲି ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ

ପରିଡ଼ା କହିଛନ୍ତି, ଗ୍ରାମାଞ୍ଚଳରେ ଭଡ଼ା ବାବଦକୁ ୨ ହଜାର ଟଙ୍କା ଏବଂ ସହରାଞ୍ଚଳରେ ୬ ହଜାର ଟଙ୍କା ରାଜ୍ୟ ସରକାର ବହନ କରୁଛନ୍ତି।

***HS***

## ବିଧାନସଭା-୩

ରାଜ୍ୟରେ ୧୯୫ଟି ବିଚାରପତି ପଦବୀ ଖାଲି ପଡ଼ିଛି। ବିଧାନସଭାରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶନାମ ଆଧାରରେ ଏହି ପଦବୀଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବ।

***Sambalpur/Puri/HS/Sonepur/BHK***

## ସ୍ୱାୟତ୍ତ ଶାସନ

ସମଗ୍ର ରାଜ୍ୟରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି। ୧୯୯୨ ମସିହାରେ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି।

ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୁବର୍ଣ୍ଣପୁର ପୌରପରିଷଦ ତରଭା ଓ ବିନିକା ବିଜ୍ଞପ୍ତିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ସୁବର୍ଣ୍ଣପୁର ସହରାଞ୍ଚଳକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବାକୁ ଜନସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଭଦ୍ରକ ପୌରପାଳିକା କାର୍ଯ୍ୟାଳୟରେ ପୌରାଧ୍ୟକ୍ଷ ଗୁଲ ମକି ଦଲଓ୍ୱାଜି ହବିବି ଜାତୀୟ ପତାକା ଉତ୍ତୋଳନ କରି  ସମାବେଶକୁ ସମ୍ବୋଧନ କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୌରପାଳିକା ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ପୁରୀ ପୌରପାଳିକା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସହର ସ୍ୱଚ୍ଛ ରଖିବା ଲକ୍ଷ୍ୟରେ ଏକ ସଚେତନତା ର୍ୟାଲି ପୌରପାଳିକା କାର୍ଯ୍ୟାଳୟରୁ ବାହାରି ଥିଲା। ପୌରପାଳିକାରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଏହି ଅବସରରେ ବସ୍ତ୍ର ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପାଳିତ ସ୍ୱତନ୍ତ୍ର ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଯୋଗ ଦେଇଥିଲେ। ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରିବା ସହ ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ସିସିଟିଭି ଏବଂ ଟ୍ରାଫିକ ଲାଇଟ୍ ଲଗାଯିବ ବୋଲି ସେ ସୂଚନା ଦେଇଥିଲେ।

***HS***

## ବିଧାନସଭା-୪

୧୯୯୨ ମସିହାଠାରୁ ଏ ପର୍ଯ୍ୟନ୍ତ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ସଂଖ୍ୟା ୨୩୧ ହୋଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ସେଥିମଧ୍ୟରେ ୧୯୯୨ ମସିହାରେ କଟକରେ ସର୍ବାଧିକ ୧୩୪ ଜଣ ଏବଂ ୨୦୧୨ରେ ଭୁବନେଶ୍ୱର ଉପକଣ୍ଠ ଟୁକୁଲିପଡ଼ାରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମାଞ୍ଚଳରେ ୪୩୩ଟି ଦେଶୀ ଭାଟି ରହିଛି। ମଦ୍ୟପଙ୍କ ପାଇଁ ବୀମା କିମ୍ବା ସ୍ୱାସ୍ଥ୍ୟବୀମା ଯୋଜନାର କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି।

***DHNKL***

## ସଡ଼କ ସୁରକ୍ଷା କମିଟି ବୈଠକ

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟଠାରେ ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟ୍ରାଫିକ ନିୟମ ସମ୍ପର୍କରେ ଜନସଚେତନତା ବୃଦ୍ଧି ମାଧ୍ୟମରେ ଦୁର୍ଘଟଣା ହ୍ରାସ କରିବା ଲକ୍ଷ୍ୟ ନେଇ ଆଲୋଚନା ହୋଇଛି। ବିଭିନ୍ନ ସ୍ଥାନରେ ସତର୍କ ସୂଚନା ଲଗାଇବା ସହ ଜିଲ୍ଲାର ଚାରୋଟି ଛକ ସ୍ଥାନରେ ଓଭରବ୍ରିଜ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଢେଙ୍କାନାଳ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି

ବୈଠକରେ ଯୋଗଦେଇ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ସୂଚନା ଦେଇଥିଲେ ।

***Ganjam***

## ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ବ୍ରହ୍ମପୁର ଏବଂ ଛତ୍ରପୁର ଉପଖଣ୍ଡରେ ଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ୧୬୩ ଜଣ ପ୍ରାଣୀଧନ ନିରୀକ୍ଷକ ଏବଂ ତଦାରଖ ଦାୟିତ୍ୱରେ ଥିବା ୪୪ ଜଣ ପ୍ରାଣୀ ଚିକିତ୍ସକଙ୍କୁ ତାଲିମ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଆସନ୍ତାକାଲିଠାରୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାଣୀ ସମ୍ପଦ ଗଣନା କାର୍ଯ୍ୟ ଜାରି ରହିବ ।

***CTC***

## ଶବଦାହ ଚୁଲା ଲୋକାର୍ପିତ

କଟକ ଖାନନଗରଠାରେ ଗ୍ୟାସ୍ ଶବଦାହ ଚୁଲା ଆଜି ଲୋକାର୍ପିତ ହୋଇଛି । ଗେଲ୍ ଇଣ୍ଡିଆ ଆର୍ଥିକ ସହାୟତାରେ ପ୍ରତିଷ୍ଠିତ ହୋଇଥିବା ଦୁଇଟି ଚୁଲାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକାର୍ପଣ କରିଛନ୍ତି । ଏଥିରେ ୪୦ରୁ ୪୫ ମିନିଟ୍ ମଧ୍ୟରେ ପ୍ରଦୂଷଣ ରହିତ ଶବଦାହ ହୋଇପାରିବ । ଏହି ସମାରୋହରେ ସାଂସଦ ଭର୍ତ୍ତୃହରି ମହତାବ, ଦେବାଶିଷ ସାମନ୍ତରାୟ, ବିଧାୟକ ଶାରଦା ପ୍ରଧାନ, ସୌଭିକ ବିଶ୍ୱାଳ ଏବଂ କଟକ ମେୟର ସୁବାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

*Puri*

# କୃଷ୍ଣ ବଳରାମ ବେଶ

ଭାଦ୍ରବ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃଷ୍ଣ ଓ ଶ୍ରୀ ବଳଭଦ୍ରଙ୍କୁ ବଳରାମ ରୂପରେ ସୁସଜ୍ଜିତ କରାଯାଇଛି । ଦେବୀ ସୁଭଦ୍ରା ଚର୍ତୁଭୁଜ ଧାରଣ କରି ବିଭିନ୍ନ ଆୟୁଧ ସହ ପଦ୍ମାସନରେ ଅବସ୍ଥିତ ହୋଇଛନ୍ତି । ଠାକୁରଙ୍କର ଏହି ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କର ଭିଡ଼ ଲାଗିରହିଛି ।